# Akashvani, Sambalpur

## SAMBALPURI NEWS BULLETIN

### 23 August 2025 - 6.47- 6.52 am.

*********************************************

ଅନ୍‌ଲାଇନ୍ ଗେମିଂ-ରାଷ୍ଟ୍ରପତିଙ୍କର୍ ମଞ୍ଜୁରୀ    ଏନ୍‌ଏସ୍‌ଡି

ଅନ୍‌ଲାଇନ୍ ଗେମିଂ ପ୍ରସାର୍ ଆଉ ନିୟନ୍ତ୍ରଣ ବିଧେୟକ-୨୦୨୫କେ ଗଲାକାଏଲ୍ ରାଷ୍ଟ୍ରପତିଙ୍କର୍ ମଞ୍ଜୁରୀ ମିଲିଛେ । ରାଷ୍ଟ୍ରପତିଙ୍କର୍ ଅନୁମୋଦନ୍ ଉତ୍‌ରୁ ଇ ବିଧେୟକ୍ ଆଇନ୍‌ଥି ପରିଣତ୍ ହେଇଛେ ଆଉ ବିଲ୍‌ଥି ଥିବା ବ୍ୟବସ୍ଥା ମାନ୍‌କୁ ଲାଗୁ କରାଯାଇଛେ । ନୂଆଁ ଆଇନ୍‌ଥି ଇ-କ୍ରୀଡ଼ାକେ ତହଁକାଯିବା । ଇ-ସ୍ପୋର୍ଟସ୍ ଆଉ ଅନ୍‌ଲାଇନ୍ ସୋସିଆଲ୍ ଗେମିଂକେ ତହଁକାଯାଉଥିବାର୍ ବେଲେ ଅନ୍‌ଲାଇନ୍ ମନି ଗେମିଂ ଉପ୍‌ରେ ରୋକ୍ ଲଗାଯିବା ।

ଜିଏପ୍‌ଟିସିଏଚ୍ ଉଦ୍‌ଘାଟନ୍          I&PR

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ପୂର୍ବୋଦୟ ମିଶନ୍‌ଥି ଓଡ଼ିଶା ଇଛେନ୍‌କା ପ୍ରଯୁକ୍ତିବିଦ୍ୟାର୍ କେନ୍ଦ୍ରସ୍ଥଲ୍ ହେବାର୍‌କେ ଯାଉଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବନେଶ୍ୱରଠାନେ

ଗଲାକାଏଲ୍ ସମନ୍ୱିତ ବିଶ୍ୱ ଆର୍ଥିକ୍ ପ୍ରଯୁକ୍ତି ବିଦ୍ୟା ସାମର୍ଥ୍ୟ ହବ୍-ଭାରତ୍ ନେତ୍ର କେ ଉଦ୍‌ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ ନୂଆଁ ଆର୍ଥିକ ସେବା ନୂଆଁ ସୃଜନ୍‌ଥି ଓଡ଼ିଶା ଖୋବ୍ ଜଲ୍‌ଦି ଅଗ୍ରଣୀ ରାଜ୍ୟ ହେବା ବଲି କହିଛନ୍ । ଇତାର୍‌ସହେତେ ନୂଆଁ ଫିନ୍‌ଟେକ୍, ଜିସିସି ନୀତି ଅନାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଯୋଗ୍ ଦେଇକରି ଓଡ଼ିଆ ମାନ୍‌କର୍ ଭିତ୍‌ରେ ଉଦ୍ୟମିତା ଗୁଣ ରହିଛେ ଆଉ ଆଝିରର୍ ପଦକ୍ଷେପ୍ ଆମର୍ ଯୁଆନ୍ ପିଢ଼ିକେ ଆହୁରି ବର୍‌କସ୍ କର୍‌ବା ବଲି କହିଛନ୍ ।

ଇ କେନ୍ଦ୍ର ବିଶ୍ୱସ୍ତରୀୟ ତାଲିମ୍, ଜ୍ଞାନ୍ ଆଦାନ୍ ପ୍ରଦାନ୍, ନୂଆଁ ସୃଜନ୍ ଆଉ ସାମର୍ଥ୍ୟ ଭାବେ ରାଏଜେ କାମ୍ କର୍‌ବା । ଇତାର୍ ଜରିଏ ୭ ହଜାର୍ ସ୍ନାତକଙ୍କର୍ ଲାଗି ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା ।

ଓସିଏସ୍ -୨୦୨୩ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଲୋକ୍‌ସେବା ଆୟୋଗ୍ ଓପିଏସ୍‌ସି ପରିଚାଲିତ୍ ଓଡ଼ିଶା ସିଭିଲ୍ ସର୍ଭିସ୍- ଓସିଏସ୍ -୨୦୨୩ ମୁଖ୍ୟ ଲିଖିତ୍ ପରୀକ୍ଷା ଫଲ୍ ଗଲାକାଏଲ୍ ବାହାରିଛେ । ଇଥି ୮ ଶହ ୬ ଝନ୍ ପରୀକ୍ଷାର୍ଥୀ ସଫଲ୍ ହେଇଛନ୍ । ସେମାନ୍‌କର୍ ଭିତ୍‌ରୁ ୨ ଶହ ୯୩ ଝନ୍ ମହିଲା ପ୍ରାର୍ଥୀ ଅଛନ୍ । ଚୟନ୍

ପ୍ରକ୍ରିୟାର୍ ଶେଷ୍ ଖେପ୍ ସାକ୍ଷାତ୍କାର୍ ପରୀକ୍ଷା ଆଏବା ମାସର୍ ୬ ତାରିଖ୍ନୁ ମୁଲ୍ ହେବା । କଟକ୍ ଓପିଏସ୍ସି ମୁଖ୍ୟାଳୟ ଠାନେ ସାକ୍ଷାତକାର୍ ଆର୍ ପ୍ରମାଣ୍ପତ୍ର ଯାଂଚ୍ କରାଯିବା ବଲି ଓପିଏସ୍ସି ତର୍ଫୁ ବାହାରିଥିବା ବିଜ୍ଞପ୍ତିଥି କୁହାଯାଇଛେ ।

ଯୁକ୍ତ ୩ ନାଁଲେଖା ବିଜ୍ଞପ୍ତି ଆର୍ଏନ୍ୟୁ/ ସମ୍ବଲପୁର

ଉଚ୍ଚଶିକ୍ଷା ବିଭାଗ୍ ଅଧୀନ୍ଥି ଥିବା ବିଶ୍ୱବିଦ୍ୟାଳୟ ଆଉ ମହାବିଦ୍ୟାଳୟଥି ସ୍ନାତକ ଆଉ ସ୍ନାତକୋତର ପାଠ୍ୟକ୍ରମ୍ଥି ୨ ନମ୍ବର୍ ଖେପ୍ ନାଁଲେଖା ପ୍ରକ୍ରିୟା ଆଏଜ୍ଠାନୁ ମୁଲ୍ ହେବା । ଛାତ୍ରଛାତ୍ରୀମାନେ ସାମ୍ସ ୱେବ୍ସାଇଟ୍ ଜରିଏ ସେପ୍ଟେମ୍ବର୍ ୩ ତାରିଖ୍ ଭିତ୍ରେ ଅନ୍ଲାଇନ୍ଥି ଆବେଦନ୍ କରିପାର୍ବେ । ଆଏବା ୪ ତାରିଖ୍ ଦର୍ଖାସ୍ତ ସଂଶୋଧନ୍ର ସୁଯୋଗ୍ ଦିଆଯିବା । ୧୦ ତାରିଖ୍ ଦିନ ୨ ନମ୍ବର୍ ଖେପ୍ ନାଁଲେଖାର୍ ପହେଲା ମେଧା ତାଲିକା ବାହାର୍ବା ବଲି ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ସର୍କାରୀ ଡାକ୍ତର୍ଖାନା-ଖାଦ୍ୟ ଆର୍ଏନ୍ୟୁ/ ସମ୍ବଲପୁର

ସର୍କାରୀ ଡାକ୍ତର୍‌ଖାନା ମାନ୍‌କେ ରୋଗୀମାନ୍‌କୁ ଦିଆଯାଉଥିବା ଖାଦ୍ୟର୍ ଦାମ୍ ୧୦ ଟଙ୍କାତକ୍ ବଢ଼ାବାର୍‌କେ ସ୍ୱାସ୍ଥ୍ୟ ବିଭାଗ୍ ନିଷ୍ପତି ନେଇଛେ । ଇ ବାବଦ୍ ପ୍ରସ୍ତାବ୍‌କେ ଅନୁମୋଦନ୍ ଲାଗି ସ୍ୱାସ୍ଥ୍ୟ ବିଭାଗ୍ ତରଫୁ ଅର୍ଥ ବିଭାଗ୍‌କେ ପଠାଯାଇଛେ । ଅର୍ଥ ବିଭାଗ୍‌ର ଅନୁମୋଦନ୍ ଉତ୍‌ରୁ ନୂଆଁ ଦାମ୍ ଧାରିଜ୍ କରାଯିବା ବଲି ସୂଚ୍‌ନା ମିଲିଛେ ।

ଜାତୀୟ ମହାକାଶ୍ ଦିବସ ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍ ଜାତୀୟ ମହାକାଶ୍ ଦିବସ୍ । ୨୦୨୩ ଅଗଷ୍ଟ ୨୩ ତାରିଖ୍ ଦିନ ଚନ୍ଦ୍ରଯାନ ୩ ମହାକାଶ୍ ଅଭିଯାନ୍ ଜରିଏ ଲେଣ୍ଡର୍ ବିକ୍ରମ୍ ସଫଲତାର୍ ସହେତେ ଚନ୍ଦ୍ରପୃଷ୍ଠକେ ପୁହୁଁଚିଥିଲା । ଇ ଦିନ୍‌କେ ସୁର୍‌ତା କର୍‌ବାର୍ ଲାଗି ଜାତୀୟ ମହାକାଶ୍ ଦିବସ୍ ପାଲିତ୍ ହେଉଛେ । ଗଲାବଛର୍ ପହେଲାକରି ଇ ଦିବସ୍ ପାଲନ୍ କରାଯାଇଥିଲା । ଇ ବଛ୍‌ରର୍ ଇ ଦିବସ୍‌ର ବାର୍ତା ରହିଛେ ‘ବିକଶିତ୍ ଭାରତ୍ -୨୦୪୭ ଲାଗି ମହାକାଶ୍ ପ୍ରଯୁକ୍ତିବିଦ୍ୟା ଆଉ ପ୍ରୟୋଗ୍‌ର ବେଭାର୍’ ।

ରାଜ୍ୟ ଯୋଜନା, ସଂଯୋଜନ ବିଭାଗ୍ ସ୍ୱତନ୍ତ୍ର ସଚିବ କଲାହାଣ୍ଡି

ରାଜ୍ୟ ଯୋଜନା ଆଉ ସଂଯୋଜନ ବିଭାଗ୍‌ର ସ୍ୱତନ୍ତ୍ର ସଚିବ ଟି.ଏମ୍. ଓ୍ୱାପାଂ ୨ ଦିନିଆ କଲାହାଣ୍ଡି ଗସ୍ତଥି ଆସିକରି ଥୁଆମୁଲ୍ ରାମ୍‌ପୁର୍ ବ୍ଲକ୍

ସାଇସୁର୍‌ନୀ ନ ଭିନ୍ ଭିନ୍ ପ୍ରକଳ୍ପର୍ ସମୀକ୍ଷା କରିଛନ୍ । ସାଇସୁର୍‌ନୀ ଉପସ୍ୱାସ୍ଥ୍ୟକେନ୍ଦ୍ର, ମା ଗୃହ, କାଣୀଗୁମା କଫି ଉଦ୍ୟାନ୍, ଇନ୍ଦ୍ରାବତୀ ଜଲ୍‌ଭଣ୍ଡାର୍‌ର ପିଞ୍ଜରା ଭିତ୍‌ରେ ହେଉଥିବା ମାଛ୍ ଚାଷ୍ ପ୍ରକଳ୍ପର୍ ପରିଦର୍ଶନ୍ କର୍‌ବାର୍ ସହେତେ ବିଭାଗୀୟ ଅଧିକାରୀ ଆଉ ସ୍ୱୟଂ ସହାୟକ ଗୋଷ୍ଠୀର୍ ମହିଳାମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ତାର୍ ଉତ୍‌ରୁ ଗୁଟେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ୍‌ଥି ଯୋଗ୍ ଦେଇକରି ଜିଲ୍ଲା ନ କାର୍ଯ୍ୟକାରୀ ହେଉଥିବା ସର୍‌କାରୀ ଯୋଜ୍‌ନା ମାନ୍‌କର୍ ଅଗ୍ରଗତି ବାବ୍‌ଦେ ଆଲୋଚନା କରିଥିଲେ । ଇ ସମିଆଥି ଜିଲ୍ଲାପାଲ୍ ପାଓ୍ୱାର୍ ସଚିନ୍ ପ୍ରକାଶ୍ ଆଉ ଅଲ୍‌ଗା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ପ୍ରକାଶ୍-୨୦୨୬ କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ନ ଇ ଶିକ୍ଷା ବଛ୍‌ରେ ୧୦ ଶ୍ରେଣୀ ବୋର୍ଡ୍ ପରୀକ୍ଷାଥି ଭଲ୍ ପ୍ରଦର୍ଶନ୍ ଲାଗି ଗୁଟେ ନୂଆଁ କାର୍ଯ୍ୟକ୍ରମ୍ ପ୍ରକାଶ୍-୨୦୨୬ ମୁଲ୍ ହେଇଛେ । ଜିଲ୍ଲାର୍ ୧୩ ଟା ବ୍ଲକ୍‌ର ୧୪ ଟା ପରୀକ୍ଷା କେନ୍ଦ୍ର ନ ମେଧାବୀ ଛାତ୍ରଛାତ୍ରୀ ବାଛ୍‌ବାର୍ ଲାଗି ଇ ପରୀକ୍ଷା ଆୟୋଜନ୍ କରାଯାଇଥିଲା । ଜିଲ୍ଲାର୍ ୩ ଶହ ୧୬ ଟା ଉଚ୍ଚବିଦ୍ୟାଲୟର୍ ୧୨ ଶହ

୩୭ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ଜିଲ୍ଲାପାଲ୍ ପାଓ୍ୱାର୍ ସଚିନ୍ ପ୍ରକାଶ୍ଙ୍କର୍ ଦେଖ୍‌ରେଖ୍‌ଥି ମେଧାବୀ ବାଛ୍‌ବାର୍ ପ୍ରକ୍ରିୟା ହେଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ଥିବାର୍‌ନୁ ରାଜ୍ୟର୍ ବଡ଼ଭାଗୀ ଜାଗା ନ ହାଲ୍‌କା ନୁ ମଧ୍ୟମ୍ ଧରଣ୍ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ହପ୍ତେତକ୍ ବର୍ଷା ଲାଗି ରହେବା । ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ୍, ମୟୁର୍‌ଭଞ୍ଜ ଆର୍ କେନ୍ଦୁଝର୍ ନ ଘଡ୍‌ଘଡ଼ି ସାଙ୍ଗେ ଅତି ଜବର୍ ବର୍ଷା ହେଇପାରେ ବଲି ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।

ହୀରାକୁଦ-ଗେଟ୍ ଖୁଲ୍‌ବା ସମ୍ବଲପୁର / ନୂଆପଡ଼ା ସମ୍ବାଦଦାତା

ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ଆଏଜ୍ ୪ ଟା ଗେଟ୍ ଖୁଲାଯାଇକରି ମହାନଦୀକେ ବଏଢ୍ ପାଏନ୍ ଛଡ଼ାଯିବା । ଉପର୍‌ମୁଡ଼େ ଜବର୍ ବର୍ଷା ଲାଗି ରହୁଥିବାର୍‌ନୁ ଆଉ ଜଲ୍‌ଭଣ୍ଡାର୍‌କେ ବହୁତ୍ ପାଏନ୍ ଆସୁଥିବାର୍‌ନୁ ୨୦ ଦିନ୍ ଉତ୍‌ରୁ ଆଏଜ୍ ଫେର୍‌ଘାଏ ଗେଟ୍ ଖୁଲ୍‌ବାର୍‌କେ ଡେମ୍ କର୍ତ୍ତୃପକ୍ଷ

ନିଷ୍ପତି ନେଇଛନ୍ । ଇହାଦେ ଜଲ୍ଭଣ୍ଡାର୍ର ଜଲ୍ସ୍ତର୍ ୬ ଶହ ୨୦ ଦଶ୍ମିକ୍ ୧/ଶୂନ୍ ଫୁଟ୍ ରହିଛେ ।

ସେଆଡ଼େ ନୂଆପଡ଼ା ଜିଲ୍ଲା ଲୋୟର୍ ଇନ୍ଦ୍ର ଜଲ୍ସେଚନ୍ ପ୍ରକଳ୍ପନୁ ଭିଲ୍ ଆଏଜ୍ ବଏଡ୍ ପାଏନ୍ ଛାଡ୍ବାର୍କେ ଘୋଷ୍ନା କରାଯାଇଛେ ।